# Akashvani, Sambalpur

# SAMBALPURI NEWS BULLETIN

## 5 December 2024- 6.47- 6.52 am.

*********************************************

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଭୁବ୍‌ନେଶ୍ୱର୍ ନ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟି ର୍ ୪୦ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ସେନ୍ତା ଉପର୍‌ବେଲା ଭୁବ୍‌ନେଶ୍ୱର୍ ନ୍ୟାୟିକ ଅଦାଲତ୍‌ର ନୂଆଁ କମ୍ପ୍ଲେକ୍ସକେ ରାଷ୍ଟ୍ରପତି ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ, ହାଇକୋର୍ଟ ଜଷ୍ଟିସ୍ ସଙ୍ଗମ୍ ସାହୁ ଅତିଥି ଭାବେ ଯୋଗ୍ ଦେବେ । ଇତାର୍ ଉତ୍‌ରୁ ରାଷ୍ଟ୍ରପତି ବିଜେବି କଲେଜ୍ ଖେଲ୍ ପଡ଼ିଆ ନ ଆୟୋଜନ୍ କରାଯାଇଥିବା ଉଦ୍‌ଘାଟନୀ ସଭାଥି ଉଦ୍‌ବୋଧନ୍ ଦେବେ ବଲି ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗଲାକାଏଲ୍ ପୁରୀ ଯାଇକରି ନୌସେନା ଦିବସ୍ ସମାରୋହଥି

ସାମିଲ୍ ହେବାର୍ ସହେତେ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କୁ ଦର୍ଶନ୍ କରିଥିଲେ ।

ରେଲ୍‌ମନ୍ତ୍ରୀ-ରେଲ୍ ଟିକଟ୍ ସବ୍‌ସିଡି  ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍କାର୍ ରେଲ୍‌ଯାତ୍ରୀଙ୍କର୍ ସହଜ୍ ଆର୍ ସୁଗମ୍ ଯାତ୍ରା ଲାଗି ୫୬ ହଜାର୍ ୯ ଶହ ୯୩ କୋଟି ଟଙ୍କାର୍ ସବ୍‌ସିଡ଼ି ଦେଉଛନ୍ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ସଂସଦ୍ ନ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ଯେ, ପାସେଞ୍ଜାର୍ ସେବା ଲାଗି ଟିକଟ୍‌ର ଦାମ୍‌ର ୪୬ ପ୍ରତିଶତ୍ ଟଙ୍କା ସର୍କାର୍‌ଙ୍କର୍ ତର୍ଫୁ ସବୁଯାତ୍ରୀମାନ୍‌କୁ ସବ୍‌ସିଡ଼ି ଦିଆଯାଉଛେ । ସେ ଆହୁରି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସର୍କାର୍ ଗରିବ୍ ଲୁକ୍‌କର୍ ଲାଗି ସମର୍ପିତ । ରେଲ୍‌ଥି ଜେନେରାଲ୍ କୋଚ୍ ବଢ଼ାବାର୍‌କେ ସର୍କାର୍ ଜୋର୍ ଦେଉଛନ୍ । ଆଏବା ଦିନେ ୧୦ ହଜାର୍ ଜେନେରାଲ୍ କୋଚ୍ ଜୁଡ଼୍‌ବାର୍‌କେ ସର୍କାର୍ ପଦକ୍ଷେପ୍ ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ବିଧାନ୍‌ସଭା-ବ୍ୟୟ ମଞ୍ଜୁରୀ ବିଲ୍    ଆର୍‌ଏନ୍‌ୟୁ /ସମ୍ବଲପୁର

ବିଧାନ୍‌ସଭା ନ ୨୦୨୪-୨୫ ଆର୍ଥିକ୍ ବଛର୍ ପହେଲା ଅତିରିକ୍ତ ବଜେଟ୍ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଆଏଜ୍ ଆଗତ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ଇ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ କର୍‌ବେ । ଗଲାକାଏଲ୍ ଗିଲୋଟିନ୍‌ଥି ଭିନ୍ ଭିନ୍ ବିଭାଗ୍‌ର ଅତିରିକ୍ତ ଖର୍ଚ୍ଚ ଦାବି ବିଧାନ୍‌ସଭା ନ ଗୃହିତ୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ସୁଭଦ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ୪ ନମ୍ବର୍ ଖେପେ ହିତାଧିକାରୀମାନ୍‌କୁ ଆଏବା ୨୫ ତାରିଖ୍ ଦିନ ପହେଲା କିସ୍ତି ଟଙ୍କା ଦିଆଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ତୟାରି ଚାଲିଛେ । ଇ ବାବ୍‌ଦେ ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ନୂଆଁ ଆବେଦନ୍‌କାରୀଙ୍କର୍ ସହେତେ ଏବ୍‌ତକ୍ ସାହାଜ୍ ନାଇଁ ପାଇଥିବା ଦର୍‌ଖାସ୍ତ୍‌କାରୀଙ୍କର୍ ଆବେଦନ୍ ଯାଂଚ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍‌କେ ଉନ୍ନୟନ୍ କମିଶନର୍ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ          ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏବା କାଏଲ୍‌ଠାନୁ ୬ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ୍ ହେବାର୍‌କେ ଯାଉଛେ । ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଉଥିବା ଇ ମହୋତ୍ସବ୍ ଆଏବା ୧୭ ତାରିଖ୍‌ତକ୍ ଚାଲ୍‌ବା । ମହୋତ୍ସବ୍‌ଥି ୪ ଶହ ଟା ଷ୍ଟଲ୍ ସହେତେ ୨ ଶହ ପ୍ରକାଶକ ଆଉ ବହି ବିକ୍ରେତା ଯୋଗ୍ ଦେବେ । ଇଥି ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍, ଓଡ଼ିଶା ନ ବୁଦ୍ଧ ସ୍ମାରକୀ, ଭଗବାନ ବିର୍ସାମୁଣ୍ଡା ଆର୍ ଅଲ୍‌ଗା ସ୍ୱାଧୀନତା ସଂଗ୍ରାମୀଙ୍କର ଜୀବନ୍‌କେ ଆଧାର୍ କରିକରି ୩ ଟା ଥିମ୍ ପାଭିଲିୟନ୍ ତିଆର୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ ।

ଧାନ୍ ଘିନା          ଆର୍‌ଏନ୍‌ୟୁ /ସମ୍ବଲପୁର

ଚଲ୍‌ତି ଖରିଫ୍ ଋତୁଥି ରାଏଜେ ଧାନ୍ ଘିନା ପ୍ରକ୍ରିୟା ଜାରି ରହିଛେ । ଏଛେନ୍ ବର୍‌ଗଡ୍, ନୂଆପଡ଼ା, ସମ୍ବଲପୁର୍, କଲାହାଣ୍ଡି ଆର୍ ବଲାଙ୍ଗିର୍ ଜିଲ୍ଲା ନ ଧାନ୍ ଘିନା ଚାଲିଛେ । ଖେପ୍ ଖେପ୍

କରି ଅଲ୍‌ଗା ଜିଲ୍ଲାମାନ୍‌କେ ଭିଲ୍ ଧାନ୍ ଘିନା ମୁଲ୍ ହେବା ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା ଫିʼ ମଣ୍ଡି ନ ନିଯୁକ୍ତ ହେଇଥିବା ନୋଡ଼ାଲ୍ ଅଧିକାରୀ ଧାନ୍ ଘିନା ପ୍ରକ୍ରିୟା ଉପ୍‌ରେ ନଜର୍ ରଖିବାର୍ ସହେତେ ଧାନ୍ ସଂଗ୍ରହକେ ଯାଂଚ୍ କରୁଛନ୍ ।

ଧନୁଯାତ୍ରା- ଶୁଭସ୍ତମ୍ଭ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଶ୍ୱ ପ୍ରସିଦ୍ଧ ବର୍‌ଗଡ଼୍ ଧନୁଯାତ୍ରା ଆଏବା ଜାନୁଆରୀ ୩ ତାରିଖିନୁ ମୁଲ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ଗଲାକାଏଲ୍ ବର୍‌ଗଡ଼୍ ହାଟପଦା ସଂଚାର୍ ପଡ଼ିଆ ନ ଧ୍ୱଜା ପୂଜା ସହେତେ ଧନୁଯାତ୍ରାର୍ ଶୁଭସ୍ତମ୍ଭ ଥାପ୍‌ନା ହେଇଛେ । ଶୁଭସ୍ତମ୍ଭ ଥାପ୍‌ନା ଉତ୍‌ରୁ ବିଧିବଦ୍ଧ ଭାବେ ଧନୁଯାତ୍ରାର୍ ମଂଚ ନିର୍ମାଣ, କଳାକାର୍ ଅଭ୍ୟାସ୍ ଆର୍ ଅଲ୍‌ଗା କାମ୍ ସବୁ ମୁଲ୍ ହେବା ବଲି ସୂଚ୍‌ନା ମିଲିଛେ ।

ମୃତିକା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ମୃତିକା ଦିବସ୍ । ୨୦୦୨ ମସିହା ନ ଆନ୍ତର୍ଜାତୀୟ ମୃତିକା ସଂଗଠନ୍ ତର୍‌ଫୁ ଇ ଦିବସ୍ ପାଲନ୍ ଲାଗି

ଦିଆଯାଇଥିବାର୍ ପ୍ରସ୍ତାବ୍‌କେ ୨୦୧୩ ମସିହା ନ ମିଲିତ୍ ଜାତିସଂଘର୍ ଅନୁମୋଦନ୍ ମିଲିଥିଲା । ମାଟିର୍ ସୁରକ୍ଷାର୍ ଲାଗି ସଚେତନତା ବନାବାର୍‌ଟା ଇ ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ । ମୃତିକା ଦିବସ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହେବା ।

ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ୍ । ୧୯୮୫ ମସିହାନୁ ଆଝିର୍ ଦିନ୍‌କେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ୍ ଭାବେ ପାଲନ୍ କରାଯାଏସି । ସ୍ୱେଚ୍ଛାସେବୀ ଆଉ ସେମାନ୍‌କର୍ ସଂଗଠନ୍ ମାନ୍‌କର୍ ଚେରେଷ୍ଟାର୍ ଖୁସି ପାଲନ୍ କର୍‌ବାର୍‌ଟା ଇ ଦିବସ୍‌ର ମୁଖ୍ୟ ଉଦ୍ଦେଶ୍ ଆଏ ।

ଜାତୀୟ ଜୁନିଅର୍ ଆଥଲେଟିକ୍ସ ଚମ୍ପିଆନ୍‌ସିପ

ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ୩୯ ନମ୍ବର୍ ଜାତୀୟ ଜୁନିଅର୍ ଆଥଲେଟିକ୍ସ ଚମ୍ପିଆନ୍‌ସିପ୍ ଆଏବା ୭ ତାରିଖ୍‌ନୁ ମୁଲ୍ ହେବା । ଇ ପ୍ରତିଯୋଗିତା ୫ ଦିନ୍ ଧରିକରି ୧୧ ତାରିଖ୍‌ତକ୍ ଚାଲ୍‌ବା । ଇଥି ପାଖାପାଖି ୨ ହଜାର୍ ଖେଲାଲି ଭାଗ୍ ନେବେ । ଇ ବାବ୍‌ଦେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ଯେ, ପ୍ରତିଯୋଗିତାଥି ହରିଆଣାନୁ ସବୁନୁ ଅଏତ୍‌କା ଦେଢ଼୍ ଶହ ଝନ୍, ଓଡ଼ିଶାନୁ ମୋଟ୍ ୭୮ ଝନ୍ ଖେଲାଲୀ ଭାଗ୍ ନେବେ । ଓଡ଼ିଶାର୍ କ୍ରୀଡ଼ାବିତ୍‌ମାନେ ଭଲ୍ ପ୍ରଦର୍ଶନ୍ କର୍‌ବେ ବଲି ମନ୍ତ୍ରୀ ଆଶ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ଶନିବାର୍‌ନୁ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମିପାରେ । ଯେନ୍‌ଥିର୍‌ଲାଗି ଅଏତ୍‌କା ଶୀତ୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । କଲାହାଣ୍ଡି, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍ ଆର୍ କନ୍ଧମାଲ୍ ନ ଆଏବା ୨ ଦିନ୍‌ତକ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯାଇପାରେ ବଲି ଜନାପଡ଼ିଛେ ।